**ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦରେ ସଂଯୁକ୍ତ ବୃତ୍ତଟିକୁ ନୀଳ/କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର ।**

Each question has **four** possible answers. Choose the correct answer from among them and darken the appropriate circle completely in the OMR sheet with **Blue/Black** ball point pen.

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT & PEDAGOGY

**1.** ବ୍ୟବସ୍ଥାନ ମୂଲ୍ୟାୟନର ପ୍ରଧାନ ଉଦ୍ଦେଶ୍ୟ ହେଉଛି:

(A) ବର୍ଷ ଶେଷରେ ସମସ୍ତ ଉପଲବ୍ଧିକୁ ମାପିବା

(B) ଶିକ୍ଷଣ ଅସୁବିଧାର କାରଣ ଚିହ୍ନଟ କରିବା

(C) ଗ୍ରେଡ୍ ଦେବା

(D) ଶିକ୍ଷଣ ପୂର୍ବରୁ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ ଓ ଦୁର୍ବଳତାକୁ ଚିହ୍ନଟ କରିବା

**2.** କେଉଁ ପ୍ରକାର ମୂଲ୍ୟାୟନ ଦ୍ୱାରା ଶିକ୍ଷାଦାନ ସମାପ୍ତି ବେଳକୁ ଶିକ୍ଷଣ ଉଦ୍ଦେଶ୍ୟ ହାସଲ ହୋଇଛି ବୋଲି ନିଶ୍ଚିତ କରିହୁଏ ?

(A) ବ୍ୟବସ୍ଥାନ ମୂଲ୍ୟାୟନ

(B) ନିଦାନମୂଳକ ମୂଲ୍ୟାୟନ

(C) ସମାପ୍ତିସୂଚକ ମୂଲ୍ୟାୟନ

(D) ଗଠନମୂଳକ ମୂଲ୍ୟାୟନ

**1.** The main purpose of placement evaluation is to :

(A) Measure total achievement at the end of the session

(B) Diagnose the cause of learning difficulty

(C) Give grades

(D) Identify learners' strength and weakness before instruction

**2.** Which type of evaluation ensures that the learning objectives are achieved at the end of instruction ?

(A) Placement evaluation

(B) Diagnostic evaluation

(C) Summative evaluation

(D) Formative evaluation

3. ପିତାମାତାଙ୍କ ସହ ମାନ ନିର୍ଦ୍ଧାରଣର ଫଳାଫଳକୁ ଆଲୋଚନା କରାଯିବାର ଉଦ୍ଦେଶ୍ୟ କ'ଣ ?

(A) ଗୃହକାର୍ଯ୍ୟ ସମ୍ପାଦନ କରିବାରେ ଶିକ୍ଷାର୍ଥୀଙ୍କୁ ସହାୟତା ଦେବା

(B) ଶିକ୍ଷାର୍ଥୀର ଦୋଷ ଦୁର୍ବଳତାକୁ ପିତାମାତାଙ୍କୁ ଜଣାଇବା

(C) ଶିକ୍ଷାର୍ଥୀ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ସହଭାଗିତା ବଢ଼ାଇବା

(D) ଶିକ୍ଷକଙ୍କ ଠାରୁ ପିତାମାତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା

4. ନିମ୍ନଲିଖିତ ଉକ୍ତିମନଙ୍କ ମଧ୍ୟରୁ କେଉଁଟି ପ୍ରଶ୍ନପତ୍ର ଯୋଜନା ପ୍ରସ୍ତୁତ କରିବାରେ ଅବଶ୍ୟକ ହୁଏ ନାହିଁ ?

(A) ଶିକ୍ଷଣ ଦକ୍ଷତା ଗୁଡ଼ିକୁ ଆନୁପାତିକ ଗୁରୁତ୍ୱ ଦେବା

(B) ପ୍ରଶ୍ନର ସଂଖ୍ୟା ନିର୍ଦ୍ଦିଷ୍ଟ କରିବା

(C) ପ୍ରଶ୍ନ ଗୁଡ଼ିକର ପ୍ରକାର ନିର୍ଦ୍ଦିଷ୍ଟ କରିବା

(D) ପ୍ରଶ୍ନ ଗୁଡ଼ିକର ଉତ୍ତର ସୂଚୀ ତିଆରି କରିବା

5. ଶିକ୍ଷଣ ସାମଗ୍ରୀ ବ୍ୟବହାରର ପ୍ରଧାନ ଉଦ୍ଦେଶ୍ୟ ହେଉଛି :

(A) ଶ୍ରେଣୀଗୃହକୁ ସଜାଇବା

(B) ଶିକ୍ଷକଙ୍କ ସ୍ଥାନ ନେବା

(C) ଶିକ୍ଷାର୍ଥୀମାନଙ୍କର ସ୍ମୃତିଶକ୍ତି ପରୀକ୍ଷା କରିବା

(D) ଶିକ୍ଷଣ ପ୍ରକ୍ରିୟାକୁ ସହାୟତା ଦେବା

3. What is the purpose of sharing of assessment outcomes with parents ?

(A) To help the learners complete their homework

(B) To inform the parents about child's faults

(C) To improve collaboration for child's progress

(D) To shift the responsibility from teacher to parents

4. Which of the following is not required for planning the preparation of a question paper ?

(A) Giving proportionate emphasis on learning competencies

(B) Determining the number of questions

(C) Determining the types of questions

(D) Preparing the scoring key of questions

5. Teaching-Learning Materials (TLMs) are primarily used to :

(A) Decorate the classroom

(B) Replace the teacher

(C) Test student's memory

(D) Support learning process

6. ଚାର୍ଟ, ମାନଚିତ୍ର ଓ ମଡ଼େଲ୍ ଗୁଡ଼ିକ ହେଉଛି ______ର ଉଦାହରଣ ।

(A) ଶ୍ରାବ୍ୟ ଉପକରଣ

(B) ଦୃଶ୍ୟ ଉପକରଣ

(C) ଦୃଶ୍ୟ- ଶ୍ରାବ୍ୟ ଉପକରଣ

(D) କାର୍ଯ୍ୟ ଉପକରଣ

7. ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନରେ ନିମ୍ନଲିଖିତ କେଉଁ ଦିଗ ଉପରେ ଧାନ ଦିଆଯାଏ ?

(A) ଶୈକ୍ଷିକ ଏବଂ ସହଶୈକ୍ଷିକ ଦିଗର ମୂଲ୍ୟାୟନ

(B) କେବଳ ବାର୍ଷିକ ପରୀକ୍ଷା କରିବା

(C) କେବଳ ସହ ଶୈକ୍ଷିକ ଦିଗର ମୂଲ୍ୟାୟନ

(D) ନମ୍ବର ବଦଳରେ ଗ୍ରେଡ୍ ଦେବା

8. ଗଠନ ମୂଳକ ମୂଲ୍ୟାୟନ କେତେବେଳେ କରାଯାଇଥାଏ ?

(A) ଗୋଟିଏ ପାଠ୍ୟର ଶିକ୍ଷାଦାନ ପରେ

(B) ଶିକ୍ଷା ବର୍ଷର ଶେଷରେ

(C) ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ

(D) ଶିକ୍ଷଣ ପ୍ରକ୍ରିୟା ଚାଲିଥିବା ସମୟରେ

9. ନିମ୍ନୋକ୍ତ କେଉଁ ପରିସ୍ଥିତିରେ ସହପାଠୀ ସହାୟତା ଫଳପ୍ରଦ ହୋଇଥାଏ ?

(A) ସମଦକ୍ଷତା ସମ୍ପନ୍ନ ଦଳ ଗଠନ

(B) ମିଶ୍ରିତ ଦକ୍ଷତା ସମ୍ପନ୍ନ ଦଳ ଗଠନ

(C) ପସନ୍ଦ ଭିତ୍ତିକ ଦଳ ଗଠନ

(D) ବ୍ୟକ୍ତିଗତ ଶିକ୍ଷଣ କାର୍ଯ୍ୟ

6. Charts, maps and models are examples of ________.

(A) Audio aids

(B) Visual aids

(C) Audio-visual aids

(D) Activity aids

7. Continuous and Comprehensive Evaluation (CCE) focusses on ________.

(A) Assessment of scholastic and co-scholastic areas

(B) Conducting Annual Exams only

(C) Co-scholastic areas only

(D) Awarding grades in place of marks

8. When Formative Assessment is conducted ?

(A) After teaching of a lesson

(B) At the end of the session

(C) Before academic session begins

(D) During learning process

9. In which of the following situation peer support is effective ?

(A) Similar ability grouping

(B) Mixed ability grouping

(C) Choice based grouping

(D) Individual learning activity

10. ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ ଗଠନମୂଳକ ମୂଲ୍ୟାୟନ ଭାବରେ ବିବେଚିତ କରାଯାଏ ନାହିଁ ?

(A) ଏକକ ପରୀକ୍ଷଣ

(B) ପ୍ରକଳ୍ପ ପ୍ରସ୍ତୁତି ଓ ଉପସ୍ଥାପନ

(C) ଶିକ୍ଷଣ କାର୍ଯ୍ୟ ସମୟରେ ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ କରିବା

• (D) ବାର୍ଷିକ ପରୀକ୍ଷା

11. ନିମ୍ନଲିଖିତ ଶିକ୍ଷା ପ୍ରଣାଳୀଗୁଡ଼ିକ ମଧ୍ୟରୁ କେଉଁଟି ଶିକ୍ଷକ କୈନ୍ଦ୍ରିକ ପନ୍ଥା ସହ ସବୁଠାରୁ ଅଧିକ ସମ୍ପର୍କିତ ?

(A) ଆଲୋଚନା ପଦ୍ଧତି

• (B) ବ୍ୟାଖ୍ୟାନ ପଦ୍ଧତି

(C) ପ୍ରକଳ୍ପ ପଦ୍ଧତି

(D) କ୍ରୀଡ଼ା ପଦ୍ଧତି

12. ଶିକ୍ଷଣରେ ବ୍ୟକ୍ତିଗତ ପ୍ରଭେଦ ହେବାର କାରଣ ହେଉଛି________.

• (A) ବଂଶାନୁଗୁଣ ଓ ପରିବେଶ

(B) ଲିଙ୍ଗଗତ ପ୍ରଭାବ

(C) କେବଳ ବୟସର ପ୍ରଭାବ

(D) କେବଳ ବିଦ୍ୟାଳୟ ପରିବେଶର ପ୍ରଭାବ

10. Which of the following is not considered as formative assessment ?

(A) Unit Test

(B) Preparation and presentation of a project

(C) Observing the learner during an activity

(D) Annual Examination

11. Which of the following method aligned mostly with the teacher-centered approach ?

(A) Discussion method

(B) Lecture method

(C) Project method

(D) Play way method

12. Individual differences in learning are due to ________.

(A) Heredity and environment

(B) Impact of gender

(C) Impact of age only

(D) Impact of school environment alone

13. କାର୍ଯ୍ୟ କରି ଶିଖିବା ହେଉଛି________ ର ମୂଳମନ୍ତ୍ର :

(A) ବ୍ୟାଖ୍ୟାନ ପଦ୍ଧତି

(B) ପ୍ରଦର୍ଶନ ପଦ୍ଧତି

(C) ପ୍ରକଳ୍ପ ପଦ୍ଧତି

(D) ଗଳ୍ପ କଥନ ପଦ୍ଧତି

14. ଅନ୍ତର୍ନିବେଶୀ ଶିକ୍ଷାର ଅର୍ଥ କ'ଣ?

(A) ସାମର୍ଥ୍ୟ ନିର୍ବିଶେଷରେ ସମସ୍ତ ପିଲାଙ୍କୁ ଏକାଠି ଶିକ୍ଷା ଦେବା

(B) ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପୃଥକ ଶ୍ରେଣୀ

(C) ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ନିମନ୍ତେ ସ୍ୱତନ୍ତ୍ର ବିଦ୍ୟାଳୟ

(D) ମେଧାବୀ ଶିକ୍ଷାର୍ଥୀଙ୍କ ପ୍ରତି ବିଶେଷ ଧ୍ୟାନ ଦେବା

15. ସାମାଜିକ ସଂଗଠନବାଦ ତତ୍ତ୍ୱର ପ୍ରବକ୍ତା କିଏ ଥିଲେ ?

(A) ଜିନ୍ ପିଆଜେ

(B) ଇ.ଏଲ. ଥର୍ଣ୍ଡାଇକ୍

(C) ଲେଭ୍ ଭାଇଗୋସ୍କି

(D) ଜେରୋମ୍ ବ୍ରୁନର

16. ଯେଉଁ ଶିକ୍ଷାର୍ଥୀ ଗୋଲକଧନ୍ଦା ସମାଧାନ କରିବା ଓ ଯୁକ୍ତିଭିତ୍ତିକ କାର୍ଯ୍ୟରେ ଦକ୍ଷ, ସେ ମୁଖ୍ୟତଃ କେଉଁ ବୁଦ୍ଧି ପ୍ରଦର୍ଶନ କରିଥାଏ ?

(A) ଗାଣିତିକ-ଯୁକ୍ତି ବୁଦ୍ଧି

(B) ଆନ୍ତର୍ବ୍ୟକ୍ତିକ ବୁଦ୍ଧି

(C) ସ୍ଥାନିକ ବୁଦ୍ଧି

(D) ଭାଷାଗତ ବୁଦ୍ଧି

13. 'Learning by doing' is the essence of ________.

(A) Lecture method

(B) Demonstration method

(C) Project method

(D) Story-telling method

14. What is the meaning of inclusive education ?

(A) Teaching all children irrespective of their abilities

(B) Separate classes for children with disabilities

(C) Special schools for Scheduled Caste and Scheduled Tribe children

(D) Special focus on gifted learner

15. The theory of social constructivism was propounded by whom ?

(A) Jean Piaget

(B) E. L. Thorndike

(C) Lev Vygotsky

(D) Jerome Bruner

16. A student who excels in solving puzzles and reasoning tasks exhibits which type of intelligence ?

(A) Logical mathematical intelligence

(B) Interpersonal intelligence

(C) Spatial intelligence

(D) Linguistic intelligence

17. ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ଶିକ୍ଷାର୍ଥୀଙ୍କୁ କିପରି ସହାୟତା କରେ ?

(A) ଅମୂର୍ତ୍ତ ଧାରଣାକୁ ମୂର୍ତ୍ତ କରିବାରେ

(B) ଶିକ୍ଷକଙ୍କ ସ୍ଥାନ ନେବାରେ

(C) ଶିକ୍ଷକଙ୍କ କାର୍ଯ୍ୟକଳାପରୁ ଧ୍ୟାନ ହ୍ରାସ କରାଇବାରେ

(D) କେବଳ ମନେରଖିବାକୁ ଉତ୍ସାହିତ କରିବାରେ

18. ବହୁଶ୍ରେଣୀ ଶିକ୍ଷଣ ପରିଚାଳନା ପାଇଁ ଶିକ୍ଷକ କଣ କରିବା ଉଚିତ ?

(A) କେବଳ ଗୋଟିଏ ଶ୍ରେଣୀକୁ ପଢ଼ାଇବା

(B) ପାଠ୍ୟ ପୁସ୍ତକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା

(C) ଦଳଗତ ଓ ସହପାଠୀ ଶିକ୍ଷଣ କୌଶଳର ବ୍ୟବହାର କରିବା

(D) ଏକ ଶ୍ରେଣୀୟ ପାଠ୍ୟ ଯୋଜନାକୁ ଅନୁସରଣ କରିବା

19. ପିଲାମାନଙ୍କର ବୃଦ୍ଧି ଏବଂ ବିକାଶ ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ଅନୁସରଣ କରେ । ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ଉପଯୁକ୍ତ ଢାଞ୍ଚା ?

(A) ଅନିୟମିତ ଓ ଅନିଶ୍ଚିତ

(B) ଧାରାବାହିକ ଓ ବ୍ୟବସ୍ଥିତ

(C) ଧାରାବାହିକ ଓ ଆକସ୍ମିକ

(D) କେବଳ ବଂଶଗତ ପ୍ରଭାବ ଉପରେ ଆଧାରିତ

17. TLMs help learners by

(A) Making abstract concepts concrete

(B) Replacing teachers

(C) Reducing attention from teacher's activity

(D) Promoting memorization only

18. For managing multi-grade classroom, what should the teacher do ?

(A) Teach one grade only

(B) Focus on textbook teaching

(C) Use group and peer learning strategies

(D) Follow single grade lesson plan

19. The process of growth and development in children follows a definite pattern. Which of the following is a correct pattern ?

(A) Irregular and unpredictable

(B) Continuous and orderly

(C) Continuous and accidental

(D) Based on hereditary effect only

20. ଶିଶୁର ଶାରୀରିକ ବିକାଶରେ ସବୁଠାରୁ କେଉଁଟି ଅଧିକ ପ୍ରଭାବ ପକାଇ ଥାଏ ?

(A) ଦଣ୍ଡବିଧାନ

(B) ବିଦ୍ୟାଳୟର ଭୌତିକ ପରିବେଶ

(C) ସହପାଠୀଙ୍କ ଚାପ

(D) ପୋଷଣ ଓ ବ୍ୟାୟାମ

21. କିଏ ପ୍ରଯତ୍ନ ଓ ପ୍ରମାଦ ମାଧ୍ୟମରେ ଶିକ୍ଷଣକୁ ଅନୁମୋଦନ କରିଥିଲେ ?

(A) ପାଭଲଭ୍

(B) ସ୍କିନର୍

(C) ଥର୍ଣ୍ଡାଇକ୍

(D) ୱାଟ୍ସନ୍

22. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶ୍ରେଣୀଗୃହ ଶିକ୍ଷଣକୁ ତ୍ୱରାନ୍ୱିତ କରିବାରେ ସର୍ବାଧିକ ଗୁରୁତ୍ୱ ବହନ କରେ ?

(A) ଅତ୍ୟଧିକ ଗୃହକାର୍ଯ୍ୟ

(B) ସକାରାତ୍ମକ ପୁନର୍ବଳନ

(C) କଠୋର ଶୃଙ୍ଖଳା

(D) ପ୍ରତିଯୋଗିତା

23. CWSN ଶବ୍ଦର ପୂର୍ଣ୍ଣରୂପ କ'ଣ ?

(A) Children With Supportive Needs

(B) Children With Special Needs

(C) Children With Specific Needs

(D) Children With Scholastic Needs

20. The physical development of a child is mostly influenced by

(A) Punishment

(B) Physical environment of school

(C) Peer pressure

(D) Nutrition and exercise

21. Who recommended learning through trial and error ?

(A) Pavlov

(B) Skinner

(C) Thorndike

(D) Watson

22. Which of the following enhances classroom learning the most ?

(A) Heavy homework

(B) Positive reinforcement

(C) Strict discipline

(D) Competition

23. The term CWSN stands for ________.

(A) Children With Supportive Needs

(B) Children With Special Needs

(C) Children With Specific Needs

(D) Children With Scholastic Needs

**24.** ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାରେ କେଉଁଟି ପ୍ରଯୁଜ୍ୟ ନୁହେଁ ?

(A) ଶିକ୍ଷାର୍ଥୀଙ୍କ ଦ୍ୱାରା ଜ୍ଞାନ ଆବିଷ୍କାର

(B) ବିକାଶାତ୍ମକ ପାଠ୍ୟକ୍ରମ

(C) ଶିକ୍ଷଣଶୈଳୀ ଉପରେ ଗୁରୁତ୍ୱ

(D) ପ୍ରସ୍ତାବିତ ଉପାୟରେ ପାଠ୍ୟକ୍ରମ ପରିଚାଳନା ।

**25.** ସର୍ବୋତ୍ତମ ଭାବେ ଶିକ୍ଷଣକୁ କିଭଳି ସଂଜ୍ଞାକୃତ କରିହେବ ?

(A) ଅଭିଜ୍ଞତା ଆଧାରରେ ଆଚରଣଗତ ପରିବର୍ତ୍ତନ

(B) ତଥ୍ୟ ଓ ନିୟମକୁ ମନେରଖିବା

(C) ଜ୍ଞାତ ଅନୁକରଣ

(D) ଆଚରଣରେ ସାମୟିକ ପରିବର୍ତ୍ତନ ।

**26.** ପିଲାମାନଙ୍କଠାରେ ଶିକ୍ଷଣକୁ ପ୍ରୋତ୍ସାହିତ କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟଟି କ'ଣ ?

(A) ଘୋଷା ଶିକ୍ଷଣ

(B) ଡ୍ରିଲ୍ ଓ ଅଭ୍ୟାସ

(C) ଅର୍ଥପୂର୍ଣ୍ଣ ଓ କାର୍ଯ୍ୟଭିତ୍ତିକ ଶିକ୍ଷଣ

(D) ଶିକ୍ଷକ ନିୟନ୍ତ୍ରିତ ଶିକ୍ଷାଦାନ

**27.** ପିଲାର ବ୍ୟକ୍ତିତ୍ୱ ବିକାଶ ଉପରେ ନିମ୍ନୋକ୍ତ କେଉଁଟି ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ ?

(A) ବୁଦ୍ଧିମତା

(B) ପରିବେଶ

(C) ବଂଶାନୁଗୁଣ

(D) ବଂଶାନୁଗୁଣ ଓ ପରିବେଶ

**24.** Which is not applicable in learner centred approach ?

(A) Knowledge exploration by learner

(B) Developmental curriculum

(C) Focus on learning style

(D) Prescribed way of curriculum transaction

**25.** How the learning can be best defined ?

(A) A change in behaviour due to experience

(B) Memorization of facts and principles

(C) Deliberate imitation

(D) Temporary change in behaviour

**26.** What is the most effective way to promote learning in children ?

(A) Rote learning

(B) Drill and practice

(C) Meaningful and activity based learning

(D) Teacher controlled teaching

**27.** Which of the following has the lasting influence on child's personality development ?

(A) Intelligence

(B) Environment

(C) Heredity

(D) Heredity and environment

28. କେଉଁଟି ଶିଶୁର ବୌଦ୍ଧିକ ବିକାଶ ସହ ସମ୍ପର୍କିତ ?

(A) ଗାଣିତିକ ଧାରଣାକୁ ପ୍ରୟୋଗ କରିବା

(B) ଭୟ ଓ ରାଗକୁ ନିୟନ୍ତ୍ରଣ କରିବା

(C) ଅନ୍ୟ ସାଥୀମାନଙ୍କ ସହ ଖେଳଣା ବାଣ୍ଟି ଖେଳିବା

(D) ଶରୀର ଯତ୍ନ ସମ୍ବନ୍ଧୀୟ ଅଭ୍ୟାସକୁ ପାଳନ କରିବା

29. ପରିବେଶ ଅଧ୍ୟୟନ ଶ୍ରେଣୀରେ ଏକ ମଡ଼େଲ ତିଆରି କରୁଥିବା ପିଲାଟି, ନିମ୍ନ ମଧ୍ୟରୁ କେଉଁ ପ୍ରକାର ଶିଖିବାର ଏକ ଉଦାହରଣ :

(A) ଘୋଷିକରି ଶିଖିବା

(B) ଅନୁକରଣ କରି ଶିଖିବା

(C) ଦୃଶ୍ୟ ଶିକ୍ଷଣ

(D) ଅଭିଜ୍ଞତାମୂଳକ ଶିକ୍ଷଣ

30. ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତନକୁ କିପରି ଉତ୍ସାହିତ କରାଯାଇପାରେ ?

(A) ମୁଖସ୍ଥ କରି ମନେରଖିବା ଦ୍ୱାରା

(B) ମୁକ୍ତ ଉତ୍ତର ମୂଳକ କାର୍ଯ୍ୟ ପ୍ରଦାନ କରିବା ଦ୍ୱାରା

(C) କେବଳ ଗୋଟିଏ ପ୍ରଶ୍ନର ଗୋଟିଏ ଉତ୍ତରକୁ ଗୁରୁତ୍ୱ ଦେବା ଦ୍ୱାରା

(D) ଅବିଷ୍କାର ଓ ଅନୁସନ୍ଧାନକୁ ସୀମିତ କରିବା ଦ୍ୱାରା

28. Which of the following is related to cognitive development of a child ?

(A) Application of Mathematical concepts

(B) Controlling fear and anger

(C) Sharing toys with friends while playing

(D) Practising physical care habits

29. A child is making a model in EVS Class, is an example of

(A) Rote learning

(B) Learning by imitation

(C) Visual learning

(D) Experiential learning

30. Creative thinking among learners can be encouraged by

(A) Rote Memorization

(B) Providing open-ended tasks

(C) Emphasizing one correct answer of a question

(D) Limiting exploration and inquiry

## M.I.L. (ODIA)

**31.** କେଉଁଟି ପିଲାର ଭାଷା ଶିକ୍ଷଣର ପ୍ରଥମ ଉତ୍ସ ?

(A) ବିଦ୍ୟାଳୟ (B) ପରିବାର

(C) ସାଙ୍ଗସାଥି (D) ପାଠ୍ୟପୁସ୍ତକ

**32.** ପଠନ ଦକ୍ଷତାର ବିକାଶରେ ଛବି ପ୍ରଣାଳୀଟି କାହିଁକି ଆବଶ୍ୟକ ?

(A) ଛବି ଦେଖି ବର୍ଣ୍ଣର କ୍ରମ ଜାଣି ପାରିବେ ।

(B) ଛବି ଦେଖି ଶବ୍ଦ-ଶବ୍ଦ ମଧ୍ୟରେ ପାର୍ଥକ୍ୟ ଜାଣି ପାରିବେ ।

(C) ଶିକ୍ଷକଙ୍କ ବିନା ସହାୟତାରେ ପଢ଼ିପାରିବେ ।

(D) ଶିକ୍ଷକଙ୍କ ସହାୟତା ନେଇ ପଢ଼ିପାରିବେ ।

**33.** କେଉଁଟି ଗୁଣବାଚକ ବିଶେଷ୍ୟର ଉଦାହରଣ ନୁହେଁ ?

(A) ଯୌବନ (B) ସୌନ୍ଦର୍ଯ୍ୟ

(C) କାନ୍ଦଣା (D) ଭଣ୍ଡାମି

**34.** ଯେପରି ସଂସାରରୁ ସାଂସାରିକ ଠିକ୍ ସେହିପରି ନୀତିରୁ କ'ଣ ହେବ?-ଏହା କି ପ୍ରକାର ପ୍ରଶ୍ନ ?

(A) ପୁନଃ ସଜ୍ଜୀକରଣ

(B) ସତ୍ୟାସତ୍ୟ ପ୍ରଶ୍ନ

(C) ବର୍ଗୀକରଣମୂଳକ ପ୍ରଶ୍ନ

(D) ଦୃଷ୍ଟାନ୍ତମୂଳକ ପ୍ରଶ୍ନ

**35.** ନିମ୍ନୋକ୍ତ ଅର୍ଥ ମଧ୍ୟରୁ କେଉଁଟି 'ଉପ' ଉପସର୍ଗ ନିମନ୍ତେ ପ୍ରୟୋଗ କରାଯାଏ ?

(A) ସମ୍ୟକ୍ (B) ନିକଟ

(C) ଅଭାବ (D) ଶ୍ରେଷ୍ଠ

**36.** ବୃ+ଅନ= କୃଦନ୍ତ ପଦଟି ନିମ୍ନରୁ ବାଛ ?

(A) ବରଣ (B) ବରଣୀୟ

(C) ବରଣୀୟା (D) ବର୍ଣ୍ଣନା

**37.** କେଉଁଟି 'ଅନୁରାଗ' ର ବିପରୀତ ଅର୍ଥବୋଧକ ଶବ୍ଦ?

(A) ବିସ୍ମୟ (B) ବିସର୍ଜନ

(C) ବିଷଣ୍ଣ (D) ବିରାଗ

**38.** କେଉଁଟି 'ପଦ୍ମ' ଶବ୍ଦର ପ୍ରତିଶବ୍ଦ ନୁହେଁ ?

(A) ସରସ (B) ସରୋଜ

(C) ଶ୍ରୀବାସ (D) ସରିତ

**39.** କେଉଁଟି ଗଦ୍ୟ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ନିମନ୍ତେ ଜରୁରୀ ?

(A) ଶିକ୍ଷକଙ୍କ ଆଦର୍ଶ ଆବୃତ୍ତି

(B) ଶିକ୍ଷାର୍ଥୀଙ୍କ ରସାନୁସାରିଣୀ ଆବୃତ୍ତି

(C) ଭାବ ଉନ୍ମୋଚନ ଓ ରସୋପଲବ୍ଧି

(D) ଶବ୍ଦାର୍ଥବୋଧ ଓ ଶବ୍ଦାନୁଶୀଳନ

**40.** ନିମ୍ନୋକ୍ତ ମଧ୍ୟରୁ ଶିକ୍ଷାର୍ଥୀର ପଠନ ଦକ୍ଷତା ବୃଦ୍ଧି ନିମନ୍ତେ କେଉଁ କ୍ରମ ଠିକ୍ ?

(A) ଛବି ପଠନ, ଅକ୍ଷର ପଠନ, ବାକ୍ୟ ପଠନ, ଅନୁଚ୍ଛେଦ ପଠନ

(B) ଅକ୍ଷର ପଠନ, ଛବିପଠନ, ବାକ୍ୟ ପଠନ, ଅନୁଚ୍ଛେଦ ପଠନ

(C) ବାକ୍ୟ ପଠନ, ଛବି ପଠନ, ଅକ୍ଷର ପଠନ, ଅନୁଚ୍ଛେଦ ପଠନ

(D) ଅନୁଚ୍ଛେଦ ପଠନ, ବାକ୍ୟ ପଠନ, ଅକ୍ଷର ପଠନ, ଛବି ପଠନ

**41.** କାମ କର ନଚେତ୍ ଦଣ୍ଡ ପାଇବ । ରେଖାଙ୍କିତ ପଦଟି କି ପ୍ରକାର ଅବ୍ୟୟ ?

(A) ନିଷେଧାର୍ଥକ (B) ବିଭକ୍ତିସୂଚକ
(C) ସମୟସୂଚକ (D) ସଂଯୋଜକ

**42.** ଶରୀର+ଇକ= ଶାରୀରିକ । ଏଥିରେ ଇକ ପ୍ରତ୍ୟୟଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(A) ସମ୍ବନ୍ଧ ଅର୍ଥରେ (B) ଜାତ ଅର୍ଥରେ
(C) ଅଛି ଅର୍ଥରେ (D) ଅପତ୍ୟ ଅର୍ଥରେ

**43.** ଅତିରିକ୍ତ ସାହିତ୍ୟ ଶିକ୍ଷାଦାନ ଶିକ୍ଷଣର ମୂଲ୍ୟାୟନ କ୍ଷେତ୍ରରେ କେଉଁ ପ୍ରକାର ପ୍ରଶ୍ନ ପଚରାଯାଏ ନାହିଁ ?

(A) ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ ।
(B) ସାରକଥା ସମ୍ବଳିତ ।
(C) ନୀତିବାଣୀ ସମ୍ବଳିତ ।
(D) ମୂଲ୍ୟବୋଧ ସମ୍ବଳିତ ।

**44.** କେଉଁଟି ସଂଯୋଜକ ଅବ୍ୟୟ ?

(A) ଏବଂ
(B) ପର୍ଯ୍ୟନ୍ତ
(C) ଯେବେ
(D) ନା

**45.** ଭାଷା ଶିକ୍ଷାର ଚାରିସ୍ତମ୍ଭ ମଧ୍ୟରୁ କେଉଁ ଶିକ୍ଷାକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ ?

(A) କଥନ
(B) ଲିଖନ
(C) ପଠନ
(D) ଶ୍ରବଣ

**46.** ସର୍ଜନାତ୍ମକ ଲିଖନ ଦକ୍ଷତାର ବିକାଶ ନିମନ୍ତେ କେଉଁଟି ଯଥାର୍ଥ ?

(A) ଚିତ୍ର ଦେଖି ଗପ ଲେଖିବା ।
(B) ଶ୍ରୁତ ଲିଖନ
(C) ଦୃଷ୍ଟ ଲିଖନ
(D) ଉପଯୁକ୍ତ ବିରାମ ଚିହ୍ନ ବ୍ୟବହାର କରି ଲିଖନ ।

**47.** ଶୁଦ୍ଧ ରୂପଟିକୁ ବାଛ ।

(A) ସାହୀତ୍ୟକ (B) ସାହିତ୍ୟିକ
(C) ସାହୀତ୍ୟିକ (D) ସାହିତ୍ୟକ

**48.** 'ଅଳସୁଆର ବାରବାଟୀ ଚାଷ'- ଏ ରୂଢ଼ିର ଅର୍ଥ କ'ଣ ?

(A) ବାକ୍ୟବୀର (B) ଅନ୍ୟାୟ ବିଚାର
(C) ଭାଗ୍ୟଫଳ (D) ବୁଦ୍ଧିହୀନ

**ନିର୍ଦ୍ଦେଶ :** ନିମ୍ନ ପ୍ରଦତ୍ତ କବିତାଂଶଟି ପଢ଼ି ନଂ **49** ରୁ ନଂ **53** ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ବାଛ ।

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ,
ନ ଦେଖାଇ ରୂପ ତା'ର ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦଟିପ
ଜଳି ଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳୀ,
ରଜନୀ ଦିବସ ସମ ଜୀବନ ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି
କି ଉଦ୍ଦେଶ୍ୟ ଏ ସୃଷ୍ଟିର କି ସନ୍ଦେଶ କିବା
ତା'ର ବାଣୀ,

କି ଅମୂଲ୍ୟ ନିଧିତୁଲେ ଅବିଶ୍ରାମ ଧାଇଁ ଚାଲେ ପ୍ରାଣୀ ।

ଲଭେ କିବା ଆସି ଏଥି କି ହଜାଏ, ସେ ହିସାବ କାହିଁ ?

ଦେଖିବା ଶୁଣିବା ଯେତେ ରହେ ବାକି, ଅନ୍ତ

ତା'ର ନାହିଁ ।

ଅବୋଧ ଜୀବନ ପଥେ ସମଦୁଃଖୀ ସାଥି ଅଗଣିତ

ନାହିଁ ରୂପ ନାହିଁ ଚିହ୍ନ,ସବୁ ଆଜି ପାଶୋରିବି ଗୀତ ।

ବେଳାର ବାଲୁକା ସମ ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି,

ପଡ଼ି ରହେ ବାକି ସବୁ ଚିରନ୍ତନ ଜଡ଼ତା ଜାବୁଡ଼ି।

49. ସାଗର ବେଳାଭୂମିର ବାଲୁକା ରାଶିକୁ କବି କାହା ସହିତ ତୁଳନା କରିଛନ୍ତି ?

(A) ଗୋରେଣୁ (B) ପଦରେଣୁ

(C) ଜ୍ଞାନରେଣୁ (D) ପଥରେଣୁ

50. କେଉଁ ଦୀପ ଜଳିଉଠି ସାରା ସୃଷ୍ଟିକୁ ସୁନ୍ଦର କରି ଗଢ଼ି ତୋଳିଥାଏ ?

(A) ଜୀବନ ଦୀପ (B) ମାଟିର ଦୀପ

(C) ଆଶାର ଦୀପ (D) ସୁନାର ଦୀପ

51. କାହାର ଆଗମନ ଓ ପଦଚିହ୍ନ ଏବଂ ସ୍ୱରୂପକୁ କେହି ଦେଖି ପାରନ୍ତି ନାହିଁ ବୋଲି କବି କହିଛନ୍ତି ?

(A) ଜନମର (B) ମରଣର

(C) କଷଣର (D) ଜନତାର

52. ମୃତ୍ୟୁ ମଣିଷ ନିକଟକୁ କିପରି ଆସେ ବୋଲି କବି କହିଛନ୍ତି ?

(A) ବସି ବସି ଆସେ (B) ଉଡ଼ି ଉଡ଼ି ଆସେ

(C) ନାଚି ନାଚି ଆସେ (D) ଲୁଚି ଲୁଚି ଆସେ

53. ଏ ସୃଷ୍ଟିରେ ରଜନୀ ଦିବସ ସମ କି ପ୍ରକାର ଖେଳ ଅବିରତ ଲାଗି ରହିଛି ?

(A) ଜନ୍ମ ଓ ମୃତ୍ୟୁର ଖେଳ

(B) ହସ ଓ କାନ୍ଦର ଖେଳ

(C) ଦୁଃଖ ଓ ସୁଖର ଖେଳ

(D) ଆନନ୍ଦ ଓ ବିଷାଦର ଖେଳ

ନିର୍ଦ୍ଦେଶ : ପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ି ନଂ 54 ରୁ ନଂ 58 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ବାଛ ।

ବସ୍ତୁବାଦୀ ଜଗତରେ ମନୁଷ୍ୟ ଅର୍ଥ, ସମ୍ପତ୍ତି ଓ ପ୍ରଭୁତ୍ୱ ପଛରେ ଧାବମାନ କରି ସମସ୍ୟାର ଚକ୍ରବ୍ୟୁହରେ ସାଜିଛି ରକ୍ତାକ୍ତ ଅଭିମନ୍ୟୁ । ଜୀବନ ଜଞ୍ଜାଳର ନାଗଫାଶରୁ ମୁକ୍ତି ପାଇଁ କରୁଛି ଦିନରାତି ସଂଗ୍ରାମ । ଅର୍ଥ ସର୍ବସ୍ୱ ନୁହେଁ; ସମ୍ପତ୍ତି ଓ ପ୍ରଭୁତ୍ୱ ଚିରସ୍ଥାୟୀ ନୁହେଁ । ଏ ଦୁନିଆ କ୍ଷଣଭଙ୍ଗୁର ଆଜି ମଲେ କାଲି ଦୁଇଦିନ । ଏ ସାଂସାରିକ ସମସ୍ୟା ଜଞ୍ଜାଳ

ଶ୍ୱାସରୁଦ୍ଧତାରୁ ମୁକ୍ତି ନିମନ୍ତେ ଖୋଜେ ଟିକିଏ ଶାନ୍ତି । ଜୀବନରେ ଶାନ୍ତି ନଥିଲେ ତାହା ନର୍କ ତୁଲ୍ୟ ହୋଇଯାଏ । ଯାହା ଘରେ ଶାନ୍ତି ଅଛି; ତାହା ଘରେ ଉଭୟେ କମଳା ଓ ବାଗ୍‌ଦେବୀ ବାସ କରନ୍ତି । ପ୍ରତ୍ୟେକ ନିଜ ନିଜ ପରିବାରରେ ଶାନ୍ତି ପ୍ରତିଷ୍ଠା କରିପାରିଲେ ପରିବାର ବୈକୁଣ୍ଠତୁଲ୍ୟ ହୋଇଯାଏ । ସାମ୍ପ୍ରତିକ ଜଗତରେ, ଅସ୍ଥିରତା ତଥା ଅସୁରକ୍ଷାରୂପକ କଳାବାଦଲ ପୃଥିବୀକୁ ଢାଙ୍କି ଦେଇଛି । ପାରସ୍ପରିକ ଅବିଶ୍ୱାସ, ଅବୁଝାମଣା, ପଶୁତ୍ୱ ଓ ଦୁଷ୍ଟମାନସିକତା ଦ୍ୱାରା ଶାନ୍ତି ପ୍ରତିଷ୍ଠା ଆଜି ବାଧାପ୍ରାପ୍ତ । ମନୁଷ୍ୟ ତା'ର କର୍ତ୍ତବ୍ୟବୋଧ ଭୁଲି ସ୍ୱାର୍ଥକୈନ୍ଦ୍ରିକ ହୋଇପଡ଼ିଛି । ବ୍ୟକ୍ତିତ୍ୱ ତା'ର ବାଧାପ୍ରାପ୍ତ ଓ ଅର୍ଥ ପଛରେ ପଡ଼ି ସେ ହୋଇଛି ଅନ୍ଧ । ମତଭେଦ, ଅନ୍ଧବିଶ୍ୱାସ, ଅସହଯୋଗ ଓ ଅସହିଷ୍ଣୁତା ଏବଂ ଦୁର୍ନୀତି ଦୂରକରି ବ୍ୟକ୍ତିର ଦେହ, ମନ ଓ ଆତ୍ମାର ଉତ୍କର୍ଷ ସାଧନ କରିପାରିଲେ ସମାଜ ସୁନ୍ଦର ହେବ । ସୁସ୍ଥ ଶରୀର ନିମନ୍ତେ ଶାରୀରିକ ଚର୍ଚ୍ଚା; ମାନସିକ ଉନ୍ନତି ପାଇଁ ଶିକ୍ଷା, ସଙ୍ଗୀତ ଓ ଚାରୁକଳା;

ଜାତୀୟ ସଂସ୍କୃତି ସହ ପରିଚିତ ହେବା ପାଇଁ ଇତିହାସ ଏବଂ ପ୍ରାଚୀନ ସାହିତ୍ୟ ପାଠ; ଜୀବନ ସଂଗ୍ରାମରେ ଜୟଯୁକ୍ତ ହେବା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଧ୍ୟୟନ ଏବଂ ଚରିତ୍ର ଗଠନ ନିମନ୍ତେ ଧର୍ମର ଅନୁଶୀଳନ କରିବା ଜରୁରୀ । କାରଣ ବିକଶିତ ରାଷ୍ଟ୍ର ନିମନ୍ତେ ଦେଶ ସୁରକ୍ଷା ଓ ଶାନ୍ତିଶିକ୍ଷା ଅପରିହାର୍ଯ୍ୟ ।

**54.** ବ୍ୟକ୍ତିର ବ୍ୟକ୍ତିତ୍ୱ କାହିଁକି ବାଧାପ୍ରାପ୍ତ ହୋଇଛି ?

(A) ସ୍ୱାର୍ଥକୈନ୍ଦ୍ରିକ ଓ ଅର୍ଥ ଲାଳସା ପାଇଁ

(B) ସୁସ୍ଥ ମାନସିକତା ଓ ପାରସ୍ପରିକ ବୁଝାମଣା ପାଇଁ

(C) ମାନବିକ ମୂଲ୍ୟବୋଧ ଓ ସକରାତ୍ମକ ଚିନ୍ତାଧାରା ପାଇଁ

(D) କର୍ତ୍ତବ୍ୟବୋଧ ଓ ଆଧ୍ୟାତ୍ମିକ ଚିନ୍ତାଧାରା ପାଇଁ

**55.** ଜୀବନ ନର୍କତୁଲ୍ୟ ହୋଇଯାଏ କାହିଁକି ?

(A) ଜୀବନରେ ଅର୍ଥ ନଥିଲେ

(B) ଜୀବନରେ ଶାନ୍ତି ନଥିଲେ

(C) ଜୀବନରେ ସମ୍ପତ୍ତି ନଥିଲେ

(D) ଜୀବନରେ ପ୍ରଭୁତ୍ୱ ନଥିଲେ

**56.** ଜୀବନ ସଂଗ୍ରାମରେ ଜୟଯୁକ୍ତ ହେବା ପାଇଁ କାହାକୁ ପ୍ରାଧାନ୍ୟ ଦିଆଯିବା ଉଚିତ ?

(A) ସଙ୍ଗୀତ ଓ ଚାରୁକଳା ଅଧ୍ୟୟନ

(B) ପ୍ରାଚୀନ ସାହିତ୍ୟ ପାଠ

(C) ଶାରୀରିକ ଚର୍ଚ୍ଚା

(D) ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଧ୍ୟୟନ

**57.** ବସ୍ତୁବାଦୀ ଜଗତରେ ମନୁଷ୍ୟ କାହା ପଛରେ ଦୌଡ଼ି ସମସ୍ୟାର ଚକ୍ରବ୍ୟୁହରେ ପଡ଼ିଛି ?

(A) ଅର୍ଥ, ସମ୍ପତ୍ତି ଓ ନାରୀ

(B) ଅର୍ଥ, ସମ୍ପତ୍ତି ଓ ଶିକ୍ଷା

(C) ଅର୍ଥ, ସମ୍ପତ୍ତି ଓ ପ୍ରଭୁତ୍ୱ

(D) ଅର୍ଥ, ସମ୍ପତ୍ତି ଓ ଜ୍ଞାନ

**58.** ଧର୍ମର ଅନୁଶୀଳନକୁ କାହିଁକି ଗୁରୁତ୍ୱ ଦିଆଯାଇଛି ?

(A) ସାହିତ୍ୟ ପଠନ ନିମନ୍ତେ

(B) ଚରିତ୍ର ଗଠନ ନିମନ୍ତେ

(C) ପ୍ରାସାଦ ନିର୍ମାଣ ନିମନ୍ତେ

(D) ଶରୀର ଗଠନ ନିମନ୍ତେ

**59.** ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରାକ୍ ଲିଖନ ପ୍ରଣାଳୀର ଅନ୍ତର୍ଭୁକ୍ତ ?

(A) ଶୁଦ୍ଧ ଲେଖା ଉପରେ ଗୁରୁତ୍ୱ ଦେବା ।

(B) ଗାର ପକା କାଗଜ ଉପରେ ଅକ୍ଷରଗୁଡ଼ିକୁ ସଜେଇ ଲେଖିବା ।

(C) ଶବ୍ଦ-ଶବ୍ଦ ମଧ୍ୟରେ ଉପଯୁକ୍ତ ବ୍ୟବଧାନ ଦେଇ ଲେଖିବା ।

(D) ବୃତ୍ତ-ଅର୍ଦ୍ଧବୃତ୍ତ ଅଙ୍କନର ଅଭ୍ୟାସ କରିବା।

**60.** ନିମ୍ନ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ବ୍ୟାବହାରିକ ବ୍ୟାକରଣ ଶିକ୍ଷାଦାନର କୌଶଳ ନୁହେଁ ?

(A) ଶୁଣିଥିବା ଗପକୁ ବଡ଼ପାଟିରେ କହିବା ।

(B) ବିପରୀତାର୍ଥବୋଧକ ଶବ୍ଦ ଓ ପ୍ରତିଶବ୍ଦ ଲେଖାଇବା ।

(C) ବ୍ୟବହୃତ ଶବ୍ଦଗୁଡ଼ିକର ତାଲିକା କରିବା ।

(D) ନାମ, ଗୁଣ, କାମ ସୂଚକ ଶବ୍ଦମାନଙ୍କୁ ପୃଥକ୍ କରାଇବା ।

## ENGLISH

**61.** Which of the following is the receptive skill only ?

(A) Listening and speaking

(B) Speaking and writing

(C) Listening and reading

(D) Reading and speaking

**62.** I enjoyed ____________ the children to the zoo.

(A) take

(B) to take

(C) taking

(D) took

**63.** The initial activity in composition is

(A) sequencing

(B) gathering ideas

(C) paragraphing

(D) editing

**64.** Which of the following is hardly focussed in teaching poetry ?

(A) accuracy in language

(B) imagination

(C) emotion

(D) rythm

**65.** Sangeeta is very good ____________ Mathematics.

(A) in

(B) at

(C) with

(D) about

**66.** It was ________ unique attempt of Janaki to cross the English channel.

(A) a

(B) an

(C) the

(D) some

**67.** One of our N.C.C. cadets ________ selected to participate in the Republic Day Parade of 2026.

(A) has

(B) have

(C) have been

(D) has been

**68.** It has been raining ____________ two o'clock.

(A) for

(B) since

(C) from

(D) during

69. That hotel _______ many years ago.
(A) is closed
(B) has closed
(C) was closed
(D) has been closed

70. Teaching 'punctuation' comes under _______ skill.
(A) speaking
(B) listening
(C) writing
(D) reading

71. Which letter in the word 'cupboard' is not pronounced ?
(A) b
(B) p
(C) d
(D) c

72. According to Chomsky, every human child is gifted with __________.
(A) language learning system
(B) language use device
(C) language acquisition device
(D) language learning device

73. English is the link language in India because of its __________.
(A) monolingual and monocultural setting
(B) bilingual and bicultural setting
(C) multilingual and multicultural setting
(D) multilingual and monocultural setting

Read the following passage carefully and answer the questions from (Q. 74 to 78).

All living things need water in order to survive. The few plants and animals that live in deserts have developed the ability to require less water than most plants and animals. The camel, popularly known as the 'ship of the desert', can drink a lot of water at one time. Camels can do without water for days together. The reason is they sweat very little. We sweat because we must keep our body temperature constant. We sweat when it gets hot and this cools the body. Camels can stand high body temperature. They don't need to sweat and can, therefore, retain the water they drink for long periods of time.

The smaller desert animals do not drink water. They burrow underground during the hot day and come out at night to eat. Some of them eat other animals and get the water they need from the moisture in the meat. Others eat plants and seeds and get the water they need from plant juices.

74. Which is not a water source for smaller desert animals ?
(A) flesh
(B) plant juices
(C) camel milk
(D) seeds

75. Which one of the following words means 'preserve' ?
(A) survive
(B) retain
(C) stand
(D) require

76. They burrow underground during the hot day. Here the underlined word, 'They' refers to ________.

(A) camels

(B) some plants

(C) all desert animals

(D) smaller desert animals

77. Which is not a way for any animal to survive in a desert ?

(A) drink large amount of water at a time

(B) sweating little in high temperature condition

(C) sleep for months together

(D) stay underground during night

78. Which is not caused by sweating ?

(A) heating the body

(B) cooling the body

(C) keeping the body temperature constant

(D) maintaining the body temperature

79. India is a ________ country.

(A) multilingual

(B) monolingual

(C) bilingual

(D) trilingual

80. Which method prohibits the use of mother tongue in teaching-learning English ?

(A) grammar translation method

(B) direct method

(C) bilingual method

(D) audio-lingual method

81. If man had wings, he ______ fly.

(A) will

(B) can

(C) would

(D) may

Read the following passage carefully and answer the questions from (Q. **82** to **86**).

About three to four decades ago, there were large forests in India. There was greenery all around. Even the most urbanised parts of India had plenty of trees. But in the last decade, man in his anxiety to earn more money started cutting down trees in a very greedy manner. This has resulted in high soil erosion.

Plants help in controlling soil erosion and atmospheric pollution. As a direct result of uncontrolled deforestation, there are heavy floods every year in most parts of India.

Pollution is everywhere even in small towns and villages, not to speak of big cities. In every part of the world, forests are being cut down for constructing buildings and farms.

Trees give shade in summer to weary people. At the same time, they are a treasure-house of oxygen. We often see people with breathing problems. This is only because of depletion of oxygen in the atmosphere day by day. This is, again, because of deforestation.

82. The word opposite in meaning of 'adequate' is ________.
(A) unadequate
(B) disadequate
(C) inadequate
(D) deadequate

83. Trees provide human beings ________.
(A) oxygen and flood
(B) pollution and timber
(C) shade and oxygen
(D) fuel and hydrogen

84. The word 'depletion' used in the passage means ________.
(A) reduction
(B) control
(C) deposit
(D) duplication

85. Planting trees in large number would prevent ________ of the soil.
(A) eradication
(B) escalation
(C) erosion
(D) estimation

86. In the last decade man cut down trees in order to ________.
(A) clear the forest area
(B) earn more money
(C) build houses
(D) get more land for farming

87. Hurry up! We ________ for you.
(A) are waiting
(B) wait
(C) will wait
(D) waited

88. My friend bought a ________ car yesterday.
(A) beautiful yellow black sports
(B) yellow black beautiful sports
(C) beautiful yellow and black sports
(D) beautiful yellow, black sports

89. ________ is not a subskill of 'Reading'.
(A) Extracting the main idea
(B) Guessing the meaning of new words
(C) Getting the specific information
(D) Note-taking on the important ideas

90. ________ is very necessary before reviewing a book.
(A) Intensive reading
(B) Extensive reading
(C) Skimming
(D) Scanning

## ଗଣିତ / MATHEMATICS

91. ନିମ୍ନସ୍ଥ ମଧ୍ୟରୁ କେଉଁ ଜ୍ୟାମିତିକ ଚିତ୍ରର ଘୂର୍ଣ୍ଣନ ପ୍ରତିସମତା କ୍ରମ ଅନ୍ୟ ତିନୋଟି ଠାରୁ ଭିନ୍ନ ଅଟେ ?

(A) 

(B) 

(C) 

(D) 

91. Which of the following geometrical figure has different rotational symmetry order from the other three ?

(A) 

(B) 

(C) 

(D) 

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

**92.** ଗଣିତ ଶିକ୍ଷାଦାନରେ କେଉଁ ପଦ୍ଧତିଦ୍ୱୟ ସମୟ ସାପେକ୍ଷ ଓ ବ୍ୟୟ- ସାପେକ୍ଷ ଅଟେ ?

(A) ବିଶ୍ଳେଷଣ ଓ ସଂଶ୍ଳେଷଣ

(B) ଆରୋହ ଓ ଅବରୋହ

(C) କ୍ରୀଡ଼ା ଓ ପ୍ରକଳ୍ପ

(D) ବିଶ୍ଳେଷଣ ଓ ଅବରୋହ

**93.** ଦତ୍ତ ବୃତ୍ତଲେଖରେ A, B, C, D, E ପାଖରେ ଥିବା ଟଙ୍କାକୁ ଡିଗ୍ରୀ ଆକାରରେ ଦର୍ଶାଯାଇଛି । ଯଦି A ପାଖରେ 270 ଟଙ୍କା ଥାଏ, ତେବେ B ଓ C ପାଖରେ ମୋଟ କେତେ ଟଙ୍କା ଅଛି ?




(A) ଟ. 165 (B) ଟ. 225

(C) ଟ. 360 (D) ଟ. 390

**92.** Which of the following two methods in mathematical teaching are time-consuming and cost-effective ?

(A) Analysis and synthesis

(B) Inductive and deductive

(C) Play way and project

(D) Analysis and deductive

**93.** In the given pie chart, the amounts of money with A, B, C, D, E are shown in degrees. If A has Rs. 270, then what is the total amount with B and C ?




(A) Rs. 165 (B) Rs. 225

(C) Rs. 360 (D) Rs. 390

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

94. ଦତ୍ତ ବୃତ୍ତର କେନ୍ଦ୍ର ହେଉଛି 'O' । ଏଠାରେ x + y ର ମୂଲ୍ୟ କେତେ ଅଟେ ?




(A) 78°

(B) 36°

(C) 54°

(D) 72°

95. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ଅଟେ ?

(A) 8, 10, 12ର ଗସାଗୁ କେତେ ?

(B) 36 + 22 = □

(C) 6, 8, 10ର ଲସାଗୁ କେତେ ?

(D) □ + □ = 22

94. In the given circle 'O' is the center. Find the value of (x + y).




(A) 78°

(B) 36°

(C) 54°

(D) 72°

95. Which of the following is an open-ended question ?

(A) What is the HCF of 8, 10, 12 ?

(B) 36 + 22 = □

(C) What is the LCM of 6, 8, 10 ?

(D) □ + □ = 22

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

**96.** ଦତ୍ତ ଚିତ୍ରରେ $\overline{AB} \parallel \overline{CD}$ ହେଲେ, $m\angle BOC$ କେତେ ହେବ ?




(A) 50°

(B) 60°

(C) 70°

(D) 80°

**97.** "ପିଆଜେ (Piaget) ଙ୍କ ମତ ଅନୁସାରେ ସଂଖ୍ୟାଗୁଡ଼ିକୁ ଓଲଟା କ୍ରମରେ କହିବା ଓ ଲେଖିବା"- ଜ୍ଞାନାତ୍ମକ ବିକାଶର କେଉଁ ପର୍ଯ୍ୟାୟରେ ଆରମ୍ଭ ହୋଇଥାଏ ?

(A) ସମ୍ବେଦୀ-କାରକ

(B) ପ୍ରାକ୍-ସଂକାର୍ଯ୍ୟ

(C) ସ୍ଥୂଳ ସଂକାର୍ଯ୍ୟ

(D) ଯଥାଯଥ ସଂକାର୍ଯ୍ୟ

**96.** In the given figure $\overline{AB} \parallel \overline{CD}$, find $m\angle BOC$.




(A) 50°

(B) 60°

(C) 70°

(D) 80°

**97.** According to Piaget, the ability to say and write numbers in reverse order begins in which stage of cognitive development ?

(A) Sensory-motor

(B) Pre-operation

(C) Concrete operation

(D) Formal operation

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

98. ଗଣିତ ଶିକ୍ଷାଦାନର କେଉଁ ପଦ୍ଧତି ସାଧାରଣ ସତ୍ୟରୁ ନିର୍ଦ୍ଦିଷ୍ଟ ଉଦାହରଣ ଆଡ଼କୁ ଅଗ୍ରସର ହୋଇଥାଏ ?

(A) ଆରୋହ (B) ଅବରୋହ
(C) ସଂଶ୍ଲେଷଣ (D) ବିଶ୍ଳେଷଣ

99. ନିମ୍ନସ୍ଥ କେଉଁ ସର୍ତ୍ତରେ ଏକ ଚତୁର୍ଭୁଜ ରମ୍ବସ ହେବ ?

(A) କର୍ଣ୍ଣଦ୍ୱୟ ସର୍ବସମ ହେଲେ
(B) କର୍ଣ୍ଣଦ୍ୱୟ ପରସ୍ପର ପ୍ରତି ଲମ୍ବ ହେଲେ
(C) ଦୁଇଟି ବାହୁ ସମାନ୍ତର ହେଲେ
(D) ସମସ୍ତ ବାହୁର ଦୈର୍ଘ୍ୟ ସମାନ ହେଲେ

100. 7, 26, 63, 124, *, 342, ଉକ୍ତ ଅନୁକ୍ରମରେ * ସ୍ଥାନରେ କେଉଁ ସଂଖ୍ୟା ରହିବ ?

(A) 204
(B) 215
(C) 230
(D) 238

98. In Mathematics teaching, which method proceeds from general truths to specific examples ?

(A) Inductive (B) Deductive
(C) Synthetic (D) Analytic

99. Which of the following conditions is required for a quadrilateral to be a rhombus ?

(A) Two diagonals are equal
(B) Two diagonals are perpendicular to each other
(C) Two sides are parallel
(D) All sides are equal

100. Which number will lie in place of * in the given series ?

7, 26, 63, 124, *, 342

(A) 204
(B) 215
(C) 230
(D) 238

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

101. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷାଦାନ ପଦ୍ଧତିର ସଠିକ୍ କ୍ରମ ଅଟେ ?

(A) ବୋଧ, ଜ୍ଞାନ, ପ୍ରୟୋଗ ଓ ମୂଲ୍ୟାୟନ

(B) ଜ୍ଞାନ, ବୋଧ, ପ୍ରୟୋଗ ଓ ମୂଲ୍ୟାୟନ

(C) ମୂଲ୍ୟାୟନ, ବୋଧ, ପ୍ରୟୋଗ ଓ ଜ୍ଞାନ

(D) ଜ୍ଞାନ, ପ୍ରୟୋଗ, ବୋଧ ଓ ମୂଲ୍ୟାୟନ

102. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ବସ୍ତୁନିଷ୍ଠ ପ୍ରଶ୍ନ ନୁହେଁ ?

(A) ସ୍ୱଳ୍ପ ଉତ୍ତର ମୂଳକ ପ୍ରଶ୍ନ

(B) ସତ୍ୟାସତ୍ୟ ପ୍ରକାରର ପ୍ରଶ୍ନ

(C) ବହୁ ବିକଳ୍ପ ପ୍ରଶ୍ନ

(D) ମେଳକ ପ୍ରଶ୍ନ

103. ଗୋଟିଏ ଆୟତଚିତ୍ରର କର୍ଣ୍ଣର ଦୈର୍ଘ୍ୟ 13 ସେମି ଏବଂ ଏକ ବାହୁର ଦୈର୍ଘ୍ୟ 5 ସେମି ହେଲେ, ଆୟତଚିତ୍ରଟିର ପରିସୀମା କେତେ ହେବ ?

(A) 34 ସେମି

(B) 36 ସେମି

(C) 50 ସେମି

(D) 18 ସେମି

101. Which of the following is the correct order of teaching objectives ?

(A) Understanding, Knowledge, Application and Evaluation

(B) Knowledge, Understanding, Application and Evaluation

(C) Evaluation, Understanding, Application and Knowledge

(D) Knowledge, Application, Understanding and Evaluation

102. Which of the following category is not an objective type question ?

(A) Short answer type question

(B) True type question

(C) Multiple choice question

(D) Matching type question

103. The diagonal of a rectangle is 13 cm and one of its sides is 5 cm. Find the perimeter of the rectangle.

(A) 34 cm

(B) 36 cm

(C) 50 cm

(D) 18 cm

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

104. ଗୋଟିଏ ବର୍ଗକ୍ଷେତ୍ରର କର୍ଣ୍ଣର ଦୈର୍ଘ୍ୟ ୪ ଏକକ ହେଲେ, ଏହାର କ୍ଷେତ୍ରଫଳ ଓ ପରିସୀମାର ଅନୁପାତ କେତେ ହେବ ?

(A) $\sqrt{2}:1$ (B) $1:\sqrt{2}$

(C) 1 : 2 (D) 2 : 1

104. The diagonal of a square is 8 units. Find the ratio of its area to its perimeter.

(A) $\sqrt{2}:1$ (B) $1:\sqrt{2}$

(C) 1 : 2 (D) 2 : 1

105. କେଉଁଗୁଡ଼ିକ ଗଣିତ ଶିକ୍ଷଣ କାର୍ଯ୍ୟର ଉପାଦାନ ଅଟନ୍ତି ?

i. ଲକ୍ଷ୍ୟକୈନ୍ଦ୍ରିକ

ii. ଆନନ୍ଦମୟୀ

iii. ସ୍ୱତଃସ୍ଫୁର୍ତ୍ତ ଅଂଶଗ୍ରହଣ

iv. ଆହ୍ୱାନ ମୂଳକ

(A) କେବଳ i ଓ ii

(B) କେବଳ ii ଓ iii

(C) କେବଳ i, ii ଓ iii

(D) i, ii, iii ଓ iv ସମସ୍ତେ

105. Which of the following are elements of Mathematics activities ?

i. Focussed

ii. Joyful

iii. Spontaneous involvement

iv. Challenging

(A) Only i and ii

(B) Only ii and iii

(C) Only i, ii and iii

(D) All i, ii, iii and iv

106. '64 ର ଶତକଡ଼ା 10 କେତେ ?'- ଏହା କେଉଁ ପ୍ରକାରର ପ୍ରଶ୍ନ ?

(A) ସୀମିତ ଉତ୍ତରମୂଳକ ପ୍ରଶ୍ନ

(B) ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ

(C) ସମାପନ ପ୍ରଶ୍ନ

(D) ବହୁ-ବିକଳ୍ପ ପ୍ରଶ୍ନ

106. 'What is 10% of 64 ?' Which type of question is this ?

(A) Restricted response

(B) Fixed response

(C) Completion

(D) Multiple choice

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

107. "ବିଭିନ୍ନ ପ୍ରକାରର ତ୍ରିଭୁଜର କୋଣଗୁଡ଼ିକୁ ମାପି ସେମାନଙ୍କର ସମଷ୍ଟିରୁ ଗାଣିତିକ ସିଦ୍ଧାନ୍ତଗ୍ରହଣ କରିବା"- ଏହା ଗଣିତର କେଉଁ ସ୍ୱରୂପ ସହ ସମ୍ପର୍କିତ ?

(A) ସାଙ୍କେତିକ ପରିପ୍ରକାଶ
(B) ଆରୋହୀ ତର୍କ
(C) ଅବରୋହୀ ତର୍କ
(D) ବର୍ଗୀକରଣ

108. "ଶିକ୍ଷାର୍ଥୀ ଗଣିତ ସମ୍ବନ୍ଧୀୟ ଗଳ୍ପ ବହି ସଂଗ୍ରହ କରିପଢ଼ିବା"- କେଉଁ ପ୍ରକାରର ଶିକ୍ଷଣ ଉଦ୍ଦେଶ୍ୟ ?

(A) ଜ୍ଞାନାତ୍ମକ
(B) ବିଶ୍ଳେଷଣାତ୍ମକ
(C) ଭାବାତ୍ମକ
(D) ମନୋକ୍ରିୟାତ୍ମକ

109. 1 – 2 + 3 – 4 + 5 – 6 ..... ଏହି ଅନୁକ୍ରମରେ ଥିବା 181ଟି ସଂଖ୍ୟାର ଯୋଗଫଳ କେତେ ହେବ ?

(A) 1
(B) – 1
(C) 91
(D) – 91

107. "Measuring angles of different types of triangles and deriving a principle of Mathematics from their sum." It is related to which nature of Mathematics ?

(A) Symbolic expression
(B) Inductive logic
(C) Deductive logic
(D) Classification

108. 'A child collects mathematical story books and reads.' Which type of learning objective it is ?

(A) Cognitive
(B) Analytical
(C) Affective
(D) Psychomotor

109. What will be the sum of 1 – 2 + 3 – 4 + 5 – 6 ..... up to 181 terms ?

(A) 1
(B) – 1
(C) 91
(D) – 91

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

110. $\frac{1}{35.17} = .0284$ ହେଲେ, $\frac{1}{.0003517}$ ର ମୂଲ୍ୟ କେତେ ହେବ ?

(A) 284
(B) 2840
(C) 28400
(D) 28.4

111. 2.35 କିଲୋମିଟର କେତେ ସେଣ୍ଟିମିଟର ସହ ସମାନ ଅଟେ ?

(A) 2350 (B) 23500
(C) 235000 (D) 2350000

112. ଗୋଟିଏ 8000 ଲିଟର କ୍ଷମତା ବିଶିଷ୍ଟ ଜଳପାତ୍ରରେ ତାହାର $\frac{3}{4}$ ଅଂଶରେ ଜଳପୂର୍ଣ୍ଣ ଥିଲା । ସେଥିରୁ 1500 ଲିଟର ଜଳ କାଢ଼ିନେଲେ, ସେହି ଜଳପାତ୍ରରେ କେତେ ଅଂଶର ଜଳ ରହିବ ?

(A) $\frac{5}{8}$
(B) $\frac{9}{16}$
(C) $\frac{3}{8}$
(D) $\frac{11}{16}$

110. If $\frac{1}{35.17} = .0284$, then find the value of $\frac{1}{.0003517}$.

(A) 284
(B) 2840
(C) 28400
(D) 28.4

111. 2.35 kilometres is equal to how many centimetres ?

(A) 2350 (B) 23500
(C) 235000 (D) 2350000

112. A container has a capacity of 8000 litres. It was initially $\frac{3}{4}$ full of water. After removing 1500 litres of water, what fraction of that container is still filled with water ?

(A) $\frac{5}{8}$
(B) $\frac{9}{16}$
(C) $\frac{3}{8}$
(D) $\frac{11}{16}$

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

**113.** ଦତ୍ତ ଚିତ୍ରରେ $m\angle ABC = 90°$, $m\angle EPC = 80°$, $PD = PC$ ଏବଂ $\overline{MN} \parallel \overline{DE}$, ହେଲେ $m\angle MAB$ କେତେ ହେବ ?




(A) 30°

(B) 40°

(C) 45°

(D) 50°

**114.** ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଉତ୍ତଳ ସେଟ୍ ନୁହେଁ ?

(A) ରେଖାଖଣ୍ଡ

(B) ସରଳରେଖା

(C) କୋଣ

(D) କୋଣର ଅନ୍ତର୍ଦେଶ

**113.** In the given figure $m\angle ABC = 90°$, $m\angle EPC = 80°$, $PD = PC$ and $\overline{MN} \parallel \overline{DE}$, then find $m\angle MAB$.




(A) 30°

(B) 40°

(C) 45°

(D) 50°

**114.** Which of the following is not a convex set ?

(A) Line segment

(B) Straight line

(C) Angle

(D) Interior of an angle

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

115. ଜଣେ ବ୍ୟକ୍ତି 560 ଟଙ୍କା ଦେଇ ଏକ ଛତା କିଣିଥିଲା । ସେ ସେହି ଛତାକୁ କେତେ ଟଙ୍କାରେ ବିକ୍ରି କଲେ 10% କ୍ଷତି ହେବ ?

(A) ଟ. 508

(B) ଟ. 510

(C) ଟ. 540

(D) ଟ. 504

116. $\frac{3}{5}$ ର ଯୋଗାତ୍ମକ ବିଲୋମୀ ଏବଂ ଗୁଣନାତ୍ମକ ବିଲୋମୀର ଯୋଗଫଳ କେତେ ହେବ ?

(A) $\frac{16}{15}$ (B) $\frac{9}{15}$

(C) $\frac{25}{15}$ (D) $\frac{-9}{15}$

117. ଦୁଇଟି ସଂଖ୍ୟାର ଅନୁପାତ 5 : 7 ଏବଂ ସେମାନଙ୍କର ଗ.ସା.ଗୁ. 12 ହେଲେ ସଂଖ୍ୟା ଦୁଇଟିର ଲ.ସା.ଗୁ. କେତେ ?

(A) 210

(B) 288

(C) 420

(D) 840

115. A man bought an umbrella for Rs. 560. At what price should he sell it to incur a 10% loss ?

(A) Rs. 508

(B) Rs. 510

(C) Rs. 540

(D) Rs. 504

116. What will be the sum of the additive inverse and the multiplicative inverse of $\frac{3}{5}$ ?

(A) $\frac{16}{15}$ (B) $\frac{9}{15}$

(C) $\frac{25}{15}$ (D) $\frac{-9}{15}$

117. The ratio of two numbers is 5 : 7 and their HCF is 12. Find the LCM of the two numbers.

(A) 210

(B) 288

(C) 420

(D) 840

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

118. 250 ଠାରୁ 400 କେତେ ଶତକଡ଼ା ଅଧିକ ଅଟେ ?

(A) 60

(B) 120

(C) 150

(D) 90

119. ଦୁଇଟି ଗୋଲକର ସମଗ୍ର ପୃଷ୍ଠର କ୍ଷେତ୍ରଫଳ ର ଅନୁପାତ 2 : 3 ହେଲେ, ସେମାନଙ୍କର ବ୍ୟାସାର୍ଦ୍ଧର ଅନୁପାତ କେତେ ହେବ ?

(A) 2 : 3

(B) 4 : 9

(C) 8 : 27

(D) $\sqrt{2} : \sqrt{3}$

120. ଗୋଟିଏ ବର୍ଗଚିତ୍ରର କେତୋଟି ପ୍ରତିସମ ଅକ୍ଷ ଥାଏ ?

(A) 2

(B) 4

(C) 8

(D) ଅସଂଖ୍ୟ

118. How much percent more is 400 than 250 ?

(A) 60

(B) 120

(C) 150

(D) 90

119. If the total surface areas of two spheres are in the ratio 2 : 3, then what is the ratio of their radii ?

(A) 2 : 3

(B) 4 : 9

(C) 8 : 27

(D) $\sqrt{2} : \sqrt{3}$

120. How many axes of symmetry are there in a square ?

(A) 2

(B) 4

(C) 8

(D) Infinite

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

## ପରିବେଶ ପାଠ / ENVIRONMENTAL STUDIES

121. ଦଳଗତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ମୂଲ୍ୟାୟନ କରିବା ପାଇଁ କେଉଁ ସାଧନଟି ସର୍ବୋତ୍ତମ ?
(A) ବସ୍ତୁନିଷ୍ଠ ପରୀକ୍ଷା
(B) ପର୍ଯ୍ୟବେକ୍ଷଣ ତନଖି ତାଲିକା
(C) ମୌଖିକ ପ୍ରଶ୍ନାବଳୀ
(D) ରଚନା

122. କେଉଁ ଘଟଣା ପାଇଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ ?
(A) ଭାରତୀୟ ନେତୃଗଣଙ୍କ ଗିରଫଦାରୀ
(B) ଚୌରିଚୌରା ଘଟଣା
(C) ଜାଲିଓ୍ୱାନାୱାଲା ବାଗ ହତ୍ୟାକାଣ୍ଡ
(D) ଆଇନ ଅମାନ୍ୟ ଆନ୍ଦୋଳନ ଡାକରା

123. ନିମ୍ନୋକ୍ତ ମଧ୍ୟରୁ କେଉଁଟି/କେଉଁଗୁଡ଼ିକ ଯାନ୍ତ୍ରିକ ଶକ୍ତିର ପ୍ରାଥମିକ ଉତ୍ସ ?
(A) ଜଳସ୍ରୋତ
(B) ବାୟୁସ୍ରୋତ
(C) ସୂର୍ଯ୍ୟାଲୋକ
(D) (A) ଓ (B) ଉଭୟ

124. କେଉଁଟି ଓଡ଼ିଶାର ଏକ ଉପକୂଳବର୍ତ୍ତୀ ଜିଲ୍ଲା ନୁହେଁ ?
(A) କଟକ
(B) ପୁରୀ
(C) ସମ୍ବଲପୁର
(D) ଗଞ୍ଜାମ

121. Which tool is best suited for assessing participation in group activities ?
(A) Objective test
(B) Observation checklist
(C) Oral questions
(D) Essay

122. Which event led Gandhiji to suspend Non-Cooperation Movement ?
(A) Arrest of Indian leaders
(B) Chauri Chaura Incident
(C) Jallianwala Bagh Massacre
(D) Call for Civil Disobedience Movement

123. Which is/are the primary source of mechanical energy ?
(A) Water
(B) Air
(C) Sunlight
(D) Both (A) and (B)

124. Which one is not a Coastal district of Odisha ?
(A) Cuttack
(B) Puri
(C) Sambalpur
(D) Ganjam

125. "ପରିବେଶରେ ପରସ୍ପର ନିର୍ଭରଶୀଳତା" ଧାରଣାକୁ ସର୍ବୋତ୍ତମ ଭାବରେ କିପରି ଶିଖାଯାଇପାରେ ?

(A) କେବଳ କାହାଣୀ କହିବା ମାଧ୍ୟମରେ

(B) କ୍ଷେତ୍ର ଭ୍ରମଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ

(C) ସଂଜ୍ଞାଗୁଡ଼ିକୁ ଶ୍ରୁତଲିଖନ ମାଧ୍ୟମରେ

(D) ପାଠ୍ୟ ପୁସ୍ତକ ପଠନ ମାଧ୍ୟମରେ

126. ପରିବେଶ ପାଠର କେଉଁ ମୂଲ୍ୟାୟନ ସାଧନୀ ଜଣେ ଶିଶୁର ଅଗ୍ରଗତିକୁ ସମୟକ୍ରମେ ଅନୁସରଣ କରିବାରେ ସାହାଯ୍ୟ କରେ ?

(A) ପୋର୍ଟଫୋଲିଓ

(B) ବାର୍ଷିକ ପରୀକ୍ଷା

(C) ବହୁବିକଳ୍ପ ପରୀକ୍ଷା

(D) ମୌଖିକ ପରୀକ୍ଷା

127. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷକ-କୈନ୍ଦ୍ରିକ ପଦ୍ଧତି ?

(A) ପର୍ଯ୍ୟବେକ୍ଷଣ ପଦ୍ଧତି

(B) ବ୍ୟାଖ୍ୟାନ ପଦ୍ଧତି

(C) ସମସ୍ୟା ସମାଧାନ ପଦ୍ଧତି

(D) ପ୍ରକଳ୍ପ ପଦ୍ଧତି

128. କେଉଁଟି ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ଲକ୍ଷ୍ୟ ନୁହେଁ ?

(A) ପରିବେଶର ଗୁରୁତ୍ୱ ପ୍ରତି ସଚେତନ ହେବା

(B) ପରିବେଶ ସନ୍ତୁଳନର ଉପାୟ ଜାଣିବା

(C) ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର

(D) ମୂଲ୍ୟବୋଧ ଭିତ୍ତିକ ଜୀବନଶୈଳୀର କୌଶଳ ଶିଖିବା

125. The concept of "Interdependence in environment" is best taught through

(A) Story telling only

(B) Field visit and observation

(C) Dictation of definitions

(D) Reading text book

126. Which assessment tool helps to track a child's progress over time in EVS ?

(A) Portfolio

(B) Annual exam.

(C) Multiple choice test

(D) Oral test

127. Which one of the following is a teacher-centred method ?

(A) Observation method

(B) Lecture method

(C) Problem solving method

(D) Project method

128. Which of the following is not the aim of Environmental Studies at primary level ?

(A) To aware about the importance of environment

(B) To know the ways of ecological balance

(C) Excessive use of natural resources

(D) Learning life skills based on moral values

129. କଠିନ ପରିଶ୍ରମ କଲେ, ତୁମ ମାଂସପେଶୀରେ କେଉଁଟିର ମାତ୍ରା ବଢ଼ିଯାଏ ?

(A) ଲାକ୍ଟିକ୍ ଅମ୍ଳ (B) ଅମ୍ଳଜାନ

(C) ଗ୍ଲୁକୋଜ୍ (D) ଜଳ

130. ନିମ୍ନୋକ୍ତ ମଧ୍ୟରୁ କେଉଁ ଦୁଇଟି ନଦୀ ପଶ୍ଚିମଘାଟ ପର୍ବତମାଳାରୁ ବାହାରି ଆରବସାଗରରେ ପଡ଼ିଛି ?

(A) ମହାନଦୀ ଓ ଗୋଦାବରୀ

(B) ନର୍ମଦା ଓ କାବେରୀ

(C) ଗୋଦାବରୀ ଓ ତାପ୍ତି

(D) ନର୍ମଦା ଓ ତାପ୍ତି

131. ନିମ୍ନ ବ୍ୟକ୍ତିତ୍ୱ ମଧ୍ୟରୁ କିଏ ଓଡ଼ିଶାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?

(A) ମଧୁସୂଦନ ଦାସ

(B) ଗୋପବନ୍ଧୁ ଦାସ

(C) ରମାଦେବୀ ଚୌଧୁରୀ

(D) ହରେକୃଷ୍ଣ ମହତାବ

132. ଓଡ଼ିଶାର କେଉଁ ଆନ୍ଦୋଳନ ଅତ୍ୟାଚାରୀ ଜମିଦାର ଓ ଇଂରେଜ ବିରୋଧରେ କୃଷକମାନଙ୍କ ପ୍ରତିବାଦ ସହିତ ସମ୍ପୃକ୍ତ ଥିଲା ?

(A) ଲବଣ ସତ୍ୟାଗ୍ରହ

(B) ପ୍ରଜାମଣ୍ଡଳ ଆନ୍ଦୋଳନ

(C) ଭାରତ ଛାଡ଼ ଆନ୍ଦୋଳନ

(D) ଅସହଯୋଗ ଆନ୍ଦୋଳନ

129. When you work hard, which of the following is increased in your muscle ?

(A) Lactic Acid (B) Oxygen

(C) Glucose (D) Water

130. Which of the following two rivers are originated from the Western Ghats and flow into the Arabian Sea ?

(A) Mahanadi and Godavari

(B) Narmada and Kaveri

(C) Godavari and Tapti

(D) Narmada and Tapti

131. Who among the following led the Salt Satyagraha in Odisha ?

(A) Madhusudan Das

(B) Gopabandhu Das

(C) Ramadevi Chaudhury

(D) Harakrushna Mahatab

132. Which Movement in Odisha was connected with Peasant's opposition to oppressive landlords and British ?

(A) Salt Satyagraha

(B) Prajamandal Movement

(C) Quit India Movement

(D) Non-Cooperation Movement

133. ମାନଚିତ୍ରରେ ହଳଦିଆ ରଙ୍ଗ କେଉଁ ଭୂମିରୂପକୁ ସୂଚାଏ ?

(A) ପାର୍ବତ୍ୟଭୂମି

(B) ମରୁଭୂମି

(C) ମାଳଭୂମି

(D) ସମତଳ ଭୂମି

134. ଅଦା, ତାହାର କେଉଁ ଅଂଶ ଦ୍ୱାରା ବଂଶବିସ୍ତାର କରେ ?

(A) ମୂଳ

(B) କାଣ୍ଡ

(C) ପତ୍ର

(D) ଫଳ

135. ନିମ୍ନଲିଖିତ ମଧ୍ୟରୁ କେଉଁଟି "ପରିବେଶ ପାଠର ଗୁରୁତ୍ୱ"କୁ ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରେ ?

(A) ଏହା ପରିବେଶ ସମ୍ବନ୍ଧୀୟ ତଥ୍ୟ ଶିଖାଏ

(B) ଏହା ଦାୟିତ୍ୱପୂର୍ଣ୍ଣ ନାଗରିକତା ଏବଂ ସୁସ୍ଥାୟୀ ଜୀବନକୁ ପ୍ରୋତ୍ସାହିତ କରେ

(C) ଏହା କେବଳ ବିଜ୍ଞାନ ଉପରେ ଗୁରୁତ୍ୱ ଦେଇଥାଏ

(D) ଏହା ସାମାଜିକ ବିଷୟଗୁଡ଼ିକୁ ଏଡ଼ାଇଯାଏ

133. Yellow color indicates which type of landform in a map ?

(A) Mountains

(B) Deserts

(C) Plateaus

(D) Plains

134. Which part of ginger takes part in its propagation ?

(A) Root

(B) Stem

(C) Leaf

(D) Fruit

135. Which of the following best explains "Significance of EVS" ?

(A) It teaches environmental facts

(B) It promotes responsible citizenship and sustainable living

(C) It focuses only on science

(D) It avoids social issues

136. ଜଣେ ଶିକ୍ଷକ ପଞ୍ଚମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ନେଇ "ସ୍ୱଚ୍ଛ କ୍ୟାମ୍ପସ ଅଭିଯାନ" ଆୟୋଜନ କରିଛନ୍ତି । ଏହା ପରିବେଶ ପାଠର କେଉଁ ପଦ୍ଧତିକୁ ପ୍ରତିବିମ୍ବିତ କରେ ?

(A) ଥିମ୍- ଆଧାରିତ

(B) କାର୍ଯ୍ୟ- ଆଧାରିତ

(C) ପରୀକ୍ଷା- ଆଧାରିତ

(D) ପ୍ରକଳ୍ପ- ଆଧାରିତ

137. ବୈଜ୍ଞାନିକ ପଦ୍ଧତିର ଠିକ୍ ସୋପାନଟି କେଉଁଟି ?

i. ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା

ii. ସମସ୍ୟାକୁ ସରଳଭାଷାରେ ପ୍ରକାଶ କରିବା

iii. ସଂଗୃହୀତ ତଥ୍ୟର ବିଶ୍ଳେଷଣ କରିବା

iv. ସିଦ୍ଧାନ୍ତରେ ଉପନୀତ ହେବା

(A) i, ii, iii, iv

(B) ii, i, iii, iv

(C) ii, iii, i, iv

(D) i, ii, iv, iii

138. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷାର୍ଥୀର ବୋଧଶକ୍ତିର ବିକାଶକୁ ସୂଚିତ କରୁଛି ?

(A) ସ୍ୱାସ୍ଥ୍ୟର ସାଧାରଣ ନିୟମ କହିବା

(B) ଗ୍ରହମାନଙ୍କର ନାମ କହିବା

(C) ଗ୍ରାଫ୍/ଲେଖ ଚିତ୍ରର ବାଖ୍ୟା କରିବା

(D) ଗତିର ସଂଜ୍ଞା କହିବା

136. A teacher organises a "Clean campus drive" involving all students of Class – V. This reflects which approach of EVS ?

(A) Theme based

(B) Activity based

(C) Test based

(D) Project based

137. Which one is the correct step of scientific method ?

i. Collection of data related to problem

ii. Description of the problem in simple language

iii. Analysis of collected data

iv. Drawing the conclusion

(A) i, ii, iii, iv

(B) ii, i, iii, iv

(C) ii, iii, i, iv

(D) i, ii, iv, iii

138. Which of the following shows the development of understanding ability of a learner ?

(A) Says about common rules of health

(B) Says the name of planets

(C) Explain about the graphical representation

(D) State the definition of motion

139. କେଉଁଟି ଗ୍ରାମପଞ୍ଚାୟତର ଇଚ୍ଛାଧିନ କାର୍ଯ୍ୟ ଅଟେ ?

(A) ପାନୀୟ ଜଳ ଯୋଗାଣ କରିବା

• (B) ପାଠାଗାର ସ୍ଥାପନ କରିବା

(C) ରାସ୍ତାଘାଟ ନିର୍ମାଣ କରିବା

(D) ଜନ୍ମମୃତ୍ୟୁ ତାଲିକା ପ୍ରସ୍ତୁତ କରିବା

140. ପରିବେଶର କେଉଁ ଉପାଦାନର ପ୍ରଦୂଷଣ ଯୋଗୁ ଅମ୍ଳବର୍ଷା ହୋଇଥାଏ ?

(A) ମୃତ୍ତିକା

(B) ଜଳ

• (C) ବାୟୁ

(D) ଜଙ୍ଗଲ

141. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅଷ୍ଟିଓମାଲେସିଆ ରୋଗର ଲକ୍ଷଣ ?

• (A) ହାତଗୋଡ଼ରେ ଶୂନ୍ୟତା ଓ ସମ୍ବେଦନ ହୀନତାର ଅନୁଭବ

(B) ପାଟି ଓ ଜିଭରେ ଘା' ହେବା

(C) ଦାନ୍ତ ମାଢ଼ି ଫୁଲିଯିବା

(D) ଅନ୍ଧାରରେ ସ୍ପଷ୍ଟ ଦେଖା ନ ଯିବା

142. କେଉଁଟି ମଣିଷ ରେଚନ ତନ୍ତ୍ରର ଅଂଶ ନୁହେଁ ?

(A) ବୃକକ୍

(B) ମୂତ୍ରନଳୀ

(C) ମୂତ୍ରାଶୟ

• (D) ମଧ୍ୟଚ୍ଛେଦା

139. Which one is the discretionary function of a Gram Panchayat ?

(A) Supply of drinking water

(B) Establishment of libraries

(C) Construction of road

(D) Preparation of list of birth and death

140. The pollution of which elements of environment causes acid rain ?

(A) Soil

(B) Water

(C) Air

(D) Forest

141. Which of the following is the symptoms of osteomalacia ?

(A) Numbness and tingling in the arms and legs

(B) Ulcers in mouth and tongue

(C) Swelling of gums

(D) Difficult to see at night

142. Which is not a part of excretory system ?

(A) Kidney

(B) Ureter

(C) Urinary bladder

(D) Diaphragm

143. ନିମ୍ନୋକ୍ତ ମଧ୍ୟରୁ କେଉଁ ରୋଗଟି ବୀଜାଣୁ ଜନିତ ଅଟେ ?

(A) ହଇଜା
(B) ମିଳିମିଳା
(C) ହାଡ଼ଫୁଟି
(D) ହେପାଟାଇଟିସ୍-ବି

144. ରାତ୍ରି ଆକାଶରେ ଲାଲରଙ୍ଗ ଦେଖାଯାଉଥିବା ଗ୍ରହର ନାମ କ'ଣ ?

(A) ବୁଧ
(B) ଶୁକ୍ର
(C) ଶନି
(D) ମଙ୍ଗଳ

145. ନିମ୍ନୋକ୍ତ କେଉଁଟି ଏକ ଲୁହାପଥରର ଖଣିଜପିଣ୍ଡ ଅଟେ?

(A) କ୍ରୋମାଇଟ୍
(B) ଆନ୍ଥ୍ରାସାଇଟ୍
(C) ହେମାଟାଇଟ୍
(D) ଇଲମାନାଇଟ୍

146. ଓଡ଼ିଶାର କେଉଁ ବୀର ପୁରୁଷ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ସହ 1857 ମସିହା ଯୁଦ୍ଧରେ ଲଢ଼ିଥିଲେ ?

(A) ଚନ୍ଦନ ହଜୁରୀ
(B) ସୁରେନ୍ଦ୍ର ସାଏ
(C) ଜୟୀ ରାଜଗୁରୁ
(D) ବାଜି ରାଉତ

143. Which of the following disease is caused by bacteria ?

(A) Cholera
(B) Measles
(C) Chicken pox
(D) Hepatitis – B

144. Which planet appears red in the night Sky ?

(A) Mercury
(B) Venus
(C) Saturn
(D) Mars

145. Which of the following is one of the iron ore ?

(A) Chromite
(B) Anthracite
(C) Hematite
(D) Ilmenite

146. Who was the brave man of Odisha fought alongside Rani Laxmi Bai of Jhansi in 1857 war ?

(A) Chandan Hajuri
(B) Surendra Sai
(C) Jai Rajguru
(D) Baji Rout

**147.** ଭାରତର ପ୍ରମାଣ ମଧ୍ୟଦିନ ରେଖା_____.

(A) ୮୨° ୩୦′ ପୂ

(B) ୮୧° ୩୦′ ପୂ

(C) ୮୩° ୩୧′ ପୂ

(D) ୮୨° ୩୧′ ପୂ

**147.** Standard meridian of India is

(A) 82° 30′ E

(B) 81° 30′ E

(C) 83° 31′ E

(D) 82° 31′ E

**148.** କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର କେଉଁଠାରେ ଅବସ୍ଥିତ ?

(A) ଚେନ୍ନାଇ (B) କଟକ

(C) ଗୁଆହାଟୀ (D) କୋଲକାତା

**148.** Where is the Central Rice Research Institute located ?

(A) Chennai (B) Cuttack

(C) Guwahati (D) Kolkata

**149.** ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ପ୍ରାକୃତିକ ପରିବେଶ ?

(A) ଜଙ୍ଗଲ (B) ଡାକ୍ତରଖାନା

(C) ପାର୍କ (D) ବିଦ୍ୟାଳୟ

**149.** Which of the following is a natural environment ?

(A) Forest (B) Hospital

(C) Park (D) School

**150.** କେଉଁଟି ସାଦୃଶ୍ୟ ସୂଚକ ପ୍ରଶ୍ନ ?

(A) କେଉଁଟି ଅଲଗା ଗୋଲ ବୁଲାଅ – ପୃଥିବୀ, ଚନ୍ଦ୍ର, ମଙ୍ଗଳ, ଶୁକ୍ର

(B) ସୁନା : ଧାତୁ : : ଅଙ୍ଗାର : _____

(C) ଏକ ପଦରେ ପ୍ରକାଶ କର ଯାହାର ଜୀବନ ଥାଏ, ତାହା _____

(D) ଫୁଲର ବିଭିନ୍ନ ଅଂଶକୁ କ୍ରମରେ ସଜାଇ ଲେଖ – ବୃନ୍ତ, ପାଖୁଡ଼ା, ବୃତଚକ୍ର, ପୁଂକେଶର

**150.** Which one is the analogical question ?

(A) Encircle the odd one
Earth, Moon, Mars, Venus

(B) Gold : Metal : : Carbon : _____

(C) Substitute with one word
Who has a life, that is _____.

(D) Arrange the parts of flower sequentially
Pedicel, Petal, Calyx, Stamen